# NATIONAL NEWS BULLETIN (ODIA)
## 9 October - 2023
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ ।
- ଦେଶର ୧ହଜାର ୮୫୧ଟି କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର କମ୍ପ୍ୟୁଟରୀକରଣ ଓ ଏଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ ନିମନ୍ତେ ସମବାୟ ମନ୍ତ୍ରୀ ଅମିତ ଶାହା ନିଷ୍ପତ୍ତି ନେଇଛନ୍ତି ।
- ହମାସ୍ ସନ୍ତ୍ରାସବାଦୀ ଗୋଷ୍ଠୀର ଆକ୍ରମଣରେ ପାଲେଷ୍ଟାଇନର ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ।

\- ତେଣେ ବିଶ୍ୱ ନେତାମାନେ ଇସ୍ରାଏଲକୁ ସମର୍ଥନ କରିବା ପାଇଁ ନିଃସର୍ତ୍ତ ପ୍ରତିଶ୍ରୁତି ଦେଇଛନ୍ତି ।

ଏବଂ

- ବିଶ୍ୱକପ୍ କ୍ରିକେଟ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୬ ୱିକେଟ୍‌ରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି ।

## ରାଜନାଥ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ । ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଇଟାଲୀର ପ୍ରତିରକ୍ଷାମନ୍ତ୍ରୀ ଗୁଇଡୋ କ୍ରିତେଟୋଙ୍କୁ ରୋମ୍‌ରେ ସାକ୍ଷାତ୍ କରିବେ । ଇଟାଲୀ ପ୍ରଧାନମନ୍ତ୍ରୀ ଭାରତକୁ ମାର୍ଚ୍ଚ ମାସରେ ଆସିଥିବା ସମୟରେ ଦୁଇଦେଶ ମଧ୍ୟରେ ସମ୍ପର୍କ ସାମରିକ ଭାଗିଦାରୀ ସମ୍ପର୍କ ଉନ୍ନୀତ ହୋଇଥିଲା । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ସିଂହ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁଙ୍କୁ ପ୍ୟାରିସ୍‌ଠାରେ ଭେଟି ପଞ୍ଚମ ବାର୍ଷିକୀ କଥାବାର୍ତ୍ତା କରିବେ । ଭାରତ ଓ ଫ୍ରାନ୍ସ ମଧ୍ୟରେ ସାମରିକ ଭାଗିଦାରୀ ସମ୍ପର୍କର ୨୫ବର୍ଷ ପୂର୍ତ୍ତି ଅଳ୍ପଦିନ ତଳେ ପାଳନ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହଯୋଗ ସମେତ ଦ୍ୱିପକ୍ଷୀୟ ସାମରିକ ସହଯୋଗ ବହୁଦିନରୁ ତିଷ୍ଠି ରହିଛି । ଉଭୟ ଦେଶକୁ

ଗସ୍ତ କାଳରେ ଶ୍ରୀ ସିଂହ ପ୍ରତିରକ୍ଷା ଶିଳ୍ପପତିମାନଙ୍କ ସହ ଶିଳ୍ପ ସହଯୋଗର କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି ।

## ଅମିତ ଶାହା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ମାର୍ଗ ଦର୍ଶନରେ କେନ୍ଦ୍ର ସରକାର ଦେଶର ସମସ୍ତ ସମବାୟ ସମିତି ଗୁଡ଼ିକୁ ସୁଦୃଢ଼ କରାଇବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଏହିକ୍ରମରେ ସମସ୍ତ ୨୮ଟି ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ପ୍ରଦେଶରେ ଥିବା ସମବାୟ ନିବନ୍ଧକ ଏବଂ ୧୩ଟି ରାଜ୍ୟରେ କାର୍ଯ୍ୟ କରୁଥିବା ୧ହଜାର ୮୫୧ଟି କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର କମ୍ପ୍ୟୁଟରୀକରଣ ଓ ଏଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ ନିମନ୍ତେ ଶ୍ରୀ ଶାହା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

ଦେଶର ସମସ୍ତ ପ୍ରାଥମିକ କୃଷି ଋଣ ସମିତି - ଇ.ଏସ୍.ଏସ୍ ର କମ୍ପ୍ୟୁଟରୀକରଣ ଅନୁରୂପ ଏକ ଜାତୀୟ ସମନ୍ୱିତ ସଫ୍ଟୱେୟାର ମାଧ୍ୟମରେ ୧୩ଟି ରାଜ୍ୟରେ କାର୍ଯ୍ୟ କରୁଥିବା ୧ହଜାର ୮୫୧ଟି କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଗୁଡ଼ିକର ସମସ୍ତ ୟୁନିଟ୍‌କୁ କମ୍ପ୍ୟୁଟରୀକରଣ କରାଯିବ । ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ସମିତି ନିବନ୍ଧକ କାର୍ଯ୍ୟାଳୟ ଗୁଡ଼ିକର କମ୍ପ୍ୟୁଟରୀକରଣ କରାଯାଇ ସେଗୁଡ଼ିକୁ

ଅଧିକ କ୍ଷମତାପନ୍ନ କରାଯିବ । ଏଥିନିମନ୍ତେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାକୁ ଅନୁମୋଦନ ଦିଆଯାଇଛି ।

ଏହି ଯୋଜନା ନିମନ୍ତେ ଏକ କେନ୍ଦ୍ରୀୟ ପ୍ରକଳ୍ପ ମନିଟରିଂ ୟୁନିଟ୍ ଗଠନ କରାଯିବ । ଯାହାକି ଯୋଜନାର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟ କରିବ । ଏଥିନିମନ୍ତେ ଏହି ଯୋଜନା ବାବଦ ଆନୁମାନିକ ୨୨୫କୋଟି ୯ଲକ୍ଷ ଟଙ୍କା ବ୍ୟୟ କରାଯିବ । ଏହି ଯୋଜନା କାର୍ଯ୍ୟକାରୀ ହେଲେ ସାଧାରଣ ଲୋକମାନେ ରାଜ୍ୟ ସମବାୟ ବିଭାଗ କାର୍ଯ୍ୟାଳୟରୁ ଶୀଘ୍ର ଉପଲବ୍ଧ ସେବା ପାଇବା ସହ ଏହି କାର୍ଯ୍ୟାଳୟ ଗୁଡ଼ିକର କାର୍ଯ୍ୟ ପଦ୍ଧତିରେ ସ୍ୱଚ୍ଛତା ଓ ସମାନତା ଆସିପାରିବ’ ଯାହାକି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହ ସମୟ ସଞ୍ଚୟ କରିପାରିବ ।

## ଫ୍ଲାଇଟ୍ କ୍ୟାନ୍‌ସେଲ୍‌ଡ୍

ଏୟାର ଇଣ୍ଡିଆ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ତେଲ୍ ଆଭିଭ୍ ଓ ଭାରତ ମଧ୍ୟରେ ବିମାନ ଚଳାଚଳକୁ ବାତିଲ୍ କରିଛି । ସୋସିଆଲ୍ ମିଡିଆରେ ପୋଷ୍ଟ କରି ଏୟାର୍ ଇଣ୍ଡିଆ କହିଛି, ଆସନ୍ତା ଶନିବାର ପର୍ଯ୍ୟନ୍ତ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ତେଲ୍

ଆଭିଭ୍‌କୁ ବିମାନ ଚଳାଚଳ ବାତିଲ୍ କରାଯାଇଛି । ଏୟାର୍ ଇଣ୍ଡିଆ ପୁଣି କହିଛି, ଏହି ସମୟ ମଧ୍ୟରେ ଯେଉଁ ଯାତ୍ରୀମାନଙ୍କର ବୁକିଂ ନିଶ୍ଚିତ ଅଛି, ସେମାନଙ୍କୁ ଏୟାର୍‌ଲାଇନ୍‌ସ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସମର୍ଥନ ଯୋଗାଇ ଦିଆଯିବ । ଗତକାଲି ଇସ୍ରାଏଲ୍ ଉପରେ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯାଇଥିଲା ଏବଂ ସେବେଠାରୁ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଲାଗି ରହିଛି, ଯେଉଁଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି ।

## ଉତ୍ତରାଖଣ୍ଡ ବସ୍ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ନୈନତାଲ ଜିଲ୍ଲା ଅନ୍ତର୍ଗତ କାଲାଧୁଙ୍ଗରୀ ରାସ୍ତାରେ ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟଣାରେ ୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୨ଜଣ ଆହତ ହୋଇଛନ୍ତି । ବସ୍‌ଟି କାଲାଧୁଙ୍ଗରୀ ରୋଡ ମଙ୍ଗୋଲି ଘାଟକାଡ ନିକଟବର୍ତ୍ତୀ ଘାଟି ଅଞ୍ଚଳରେ ଖସିପଡିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଶିକ୍ଷକମାନେ ଥିବା ଜଣାପଡିଛି । ବସ୍‌ଟି ନୈନତାଲରୁ ହରିୟାଣାର ହିସାର ଜିଲ୍ଲାକୁ ଫେରୁଥିବା ସମୟରେ ଏହା ଘଟିଥିଲା । ଏସ୍.ଡି.ଆର୍.ଏଫ୍, ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ

ପହଞ୍ଚି ୨୫ଜଣଙ୍କୁ ଉଦ୍ଧାର କରିଛନ୍ତି । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ହାଲ୍‌ଦୁଆନି ସ୍ଥିତ ସୁଶିଲାତିଓ୍ୱାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଇସ୍ରାଏଲ ପ୍ରାଇମ ମିନିଷ୍ଟର-ବାଇଡେନ୍

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗତକାଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ କଥାବାର୍ତ୍ତା କଲାବେଳେ ଶ୍ରୀ ବାଇଡେନ୍ ଇସ୍ରାଏଲ ପ୍ରତି ନିହିଃସର୍ତ୍ତ ସମର୍ଥନ ପ୍ରଦାନ କରିଛନ୍ତି । ପୂର୍ବରୁ ନେତାନ୍ୟାହୁ ଜର୍ମାନ ଚାନ୍ସଲର ଓଲାପ୍ ସ୍କୋଲ୍‌ଜ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦେମିର୍ ଜେଲେନ୍‌ସ୍କି, ଇଟାଲୀ ପ୍ରଧାନମନ୍ତ୍ରୀ ଗିର୍‌ଗିଆ ମେଲାନି ଓ ବ୍ରିଟିଶ ପ୍ରଧାନମନ୍ତ୍ରୀ ରିଷି ସୁନକଙ୍କ ସହ କଥାବାର୍ତ୍ତା କଲାବେଳେ ସେମାନେ ମଧ୍ୟ ଇସ୍ରାଏଲ ପ୍ରତି ସମର୍ଥନ ଜଣାଇଛନ୍ତି । ଇସ୍ରାଏଲର ଆତ୍ମପ୍ରତିରକ୍ଷା ଅଧିକାରକୁ ସମର୍ଥନ ଜଣାଇବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି । ହମାସ୍ ପକ୍ଷରୁ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ ମଧ୍ୟରେ ଶ୍ରୀ ବାଇଡେନ୍ ଏହି ପ୍ରତିଶ୍ରୁତି ଦେଇଛନ୍ତି । ସଂଘର୍ଷ ଦୀର୍ଘଦିନ ଚାଲିବ, ତେଣୁ ଏଥିପାଇଁ ସମର୍ଥନ ଜଣାଇଥିବାରୁ ଶ୍ରୀ

ନେତାନ୍ୟାହୁ ବାଇଡେନ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ତେଣେ ହମାସ୍ ପକ୍ଷରୁ ଇସ୍ରାଏଲର ଦକ୍ଷିଣାଞ୍ଚଳ ଓ ମଧ୍ୟଭାଗରେ ରକେଟ୍ ମାଡ କରାଯାଉଛି । ଗତକାଲି ୬୦୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଗାଜା ଅଞ୍ଚଳରେ ଅନେକ ଲୋକଙ୍କୁ ମୁଣ୍ଡ ଜାମିନ୍ ରଖାଯାଇଛି । ଇସ୍ରାଏଲ ବିମାନବାହିନୀ ପକ୍ଷରୁ ଜୋର୍‌ଦାର ଆକ୍ରମଣ କରାଯାଇଛି । ହମାସ୍ ସନ୍ତ୍ରାସବାଦୀମାନେ ବ୍ୟବହାର କରୁଥିବା ଅଞ୍ଚଳ ଉପରେ ଲଢୁଆ ବିମାନରୁ ବୋମା ବର୍ଷଣ କରାଯାଇଛି ।

## ଇସ୍ରାଏଲ-ୟୁଏନ୍‌ଏସ୍‌ସି ମିଟିଂ

ଜାତିସଂଘରେ ଇସ୍ରାଏଲର ରାଷ୍ଟ୍ରଦୂତ ପାଲେଷ୍ଟାଇନ୍‌ରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ହମାସ୍‌କୁ ଯୁଦ୍ଧ ଅପରାଧୀ ଭାବେ ଅଭିଯୁକ୍ତ କରିଛନ୍ତି । ଏଥର ହମାସ୍‌ର ସନ୍ତ୍ରାସବାଦୀ ମୌଳିକ ଢ଼ାଞ୍ଚାକୁ ନଷ୍ଟ କରାଦିଆଯିବ ବୋଲି ସେ ପ୍ରତିଜ୍ଞା କରିଛନ୍ତି । ଜାତିସଂଘ ନିରାପତ୍ତା ପରିଷଦରେ ଇସ୍ରାଏଲ ଉପରେ ଆକ୍ରମଣ ସଂକ୍ରାନ୍ତରେ ଆଲୋଚନା ବେଳେ ସେ ଏହି

କଥା କହିଛନ୍ତି । ଗତକାଲି ଗାଜା ଅଞ୍ଚଳ ଉପରେ ହମାସ୍ ସନ୍ତ୍ରାସବାଦୀମାନେ ଇସ୍ରାଏଲ ସହରଗୁଡ଼ିକ ଉପରକୁ ରକେଟ୍ ମାଡ଼ କରିବା ଦ୍ୱାରା ୭୦୦ ଇସ୍ରାଏଲ ଲୋକ ପ୍ରାଣ ହରାଇଛନ୍ତି । ଅନେକ ଲୋକଙ୍କୁ ମୁଣ୍ଡଜାମିନ୍ ରଖିଛନ୍ତି । ୧୯୭୩ ମସିହା ଯୁଦ୍ଧ ପରଠାରୁ ଏହା ସବୁଠାରୁ ଭୟଙ୍କର ଯୁଦ୍ଧ ବୋଲି କୁହାଯାଉଛି । ୧୫ଜଣିଆ ସଦସ୍ୟ ବିଶିଷ୍ଟ ନିରାପତ୍ତା ପରିଷଦରେ ରୁଦ୍ଧଦ୍ୱାର ବୈଠକ ପୂର୍ବରୁ ଜାତିସଂଘରେ ଇସ୍ରାଏଲର ରାଷ୍ଟ୍ରଦୂତ ଗିଲା ଏର୍‌ଡେନ ଏହା କହିଛନ୍ତି । ଇସ୍ରାଏଲ ପକ୍ଷରୁ ମଧ୍ୟ ଗାଜା ଅଞ୍ଚଳ ଉପରେ ପାଲଟା ଆକ୍ରମଣ କରାଯାଇଛି । ସେହି ଆକ୍ରମଣରେ ଶହଶହ ଲୋକଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି । ହମାସ୍‌ର ଆକ୍ରମଣକୁ ଦୃଢ଼ଭାବେ ନିନ୍ଦା କରିବା ପାଇଁ ଶ୍ରୀ ଏର୍‌ଡେନ୍ ବିଶ୍ୱ ସମ୍ପ୍ରଦାୟକୁ ଅନୁରୋଧ କରିଛନ୍ତି ।

## ଲଦାଖ

ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଞ୍ଚଳ ଉନ୍ନୟନ୍ନ ପରିଷଦ କାର୍‌ଗିଲ ନିର୍ବାଚନରେ ନ୍ୟାସନାଲ କନ୍‌ଫରେନ୍ସ ଓ କଂଗ୍ରେସ ମେଣ୍ଟ ପଞ୍ଚମ

ସାଧାରଣ ନିର୍ବାଚନରେ ସଂଖ୍ୟାଗରିଷ୍ଠତାର ସହ ବିଜୟୀ ହୋଇଛି । ନ୍ୟାସନାଲ କନ୍‌ଫରେନ୍ସ ୧୨ଟି ଆସନରେ ଜିତି ଏକକ ସଂଖ୍ୟାଗରିଷ୍ଠ ପାର୍ଟି ଭାବେ ଉଭା ହୋଇଥିବାବେଳେ କଂଗ୍ରେସ ୧୦ଟି ଆସନରେ ବିଜୟୀ ହୋଇଛି । ଜାମ୍ମୁ କାଶ୍ମୀରରୁ ଲଦାଖକୁ ୨୦୧୯ ମସିହାରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯିବା ପରଠାରୁ ଭାରତୀୟ ଜନତା ପାର୍ଟି ମାତ୍ର ୨ଟି ଆସନରେ ଜିତିଥିବାବେଳେ ନିର୍ଦ୍ଦଳୀୟ ପାର୍ଟିମାନେ ୨ଟି ଆସନରେ ଜିତିଛନ୍ତି । ଅକ୍ଟୋବର ୪ ତାରିଖରେ ସେଠାରେ ଭୋଟ୍‌ଗ୍ରହଣ ହୋଇଥିଲା । ନ୍ୟାସନାଲ କନ୍‌ଫରେନ୍ସ, କଂଗ୍ରେସ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । କଡ଼ା ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ଗତକାଲି ଭୋଟ୍‌ଗଣତି କରାଯାଇଥିଲା । ଏଥର ଶତକଡା ୬୫ଭାଗ ଭୋଟ୍‌ଦାତା ମତଦାନ ସାବ୍ୟସ୍ତ କରିଥିଲେ ।

## ଏସିଆନ୍ ଗେମ୍ସ

ଜାପାନର ନାଗୋଏଠାରେ ୨୦୨୬ ମସିହାରେ ପରବର୍ତ୍ତୀ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ବିଂଶତମ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ବ୍ୟାଟନକୁ ଜାପାନକୁ ହସ୍ତାନ୍ତର କରାଯାଇଛି । ଏହି ଅବସରରେ ଅଲମ୍ପିକ କାଉନ୍‌ସିଲ୍ ଅଫ୍ ଏସିଆ (ଓସିଏ)ର ମଧ୍ୟବର୍ତ୍ତୀକାଳୀନ

ଅଧ୍ୟକ୍ଷ ରାଜା ରନ୍‌ଧୀର ସିଂହ ଜାପାନର ଆଇଚି ପ୍ରିଫେକଚରର ଗଭର୍ଣ୍ଣର ହିଦେକି ଓମୁରାଙ୍କୁ ଏସିଆନ୍ ଗେମ୍‌ସ ପତାକା ହସ୍ତାନ୍ତର କରିଛନ୍ତି ।

ଊନବିଂଶ ଏସୀୟ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହ ଚୀନ୍‌ର ହାଙ୍ଗ୍‌ଝୌ ଅଲିମ୍ପିକ୍ସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ଭାରତ ପକ୍ଷରୁ ହକି ଖେଳାଳି ପି.ଆର୍. ଶ୍ରୀଜେଶ ଭାରତର ପ୍ରତିନିଧିତ୍ୱ କରି ଜାତୀୟ ପତାକା ବହନ କରିଥିଲେ । ଚୀନ୍‌ର ପ୍ରିମିୟର୍ ଲି କ୍ୱାଙ୍ଗ୍ ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିଲେ । ଏହି ଚିତ୍ତାକର୍ଷକ ସମାରୋହରେ ୨ ହଜାରରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବା ସହ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମଧ୍ୟରେ ପ୍ରେମ ଏବଂ ଏକତାର ଭାବକୁ ବାଣ୍ଟିଛନ୍ତି ।

କୋଭିଡ୍ ମହାମାରୀ ଯୋଗୁଁ ଏକ ବର୍ଷ ବିଳମ୍ବରେ ଆୟୋଜିତ ହୋଇଥିବା ଏହି କ୍ରୀଡ଼ା ମହାକୁମ୍ଭରେ ୪୫ଟି ଦେଶରୁ ୧୨ ହଜାର ୪୦୭ ଜଣ କ୍ରୀଡ଼ାବିତ୍ ୪୦ଟି କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ । ଭାରତୀୟ ଦଳ ଚଳିତ ବର୍ଷର ଏସୀୟ କ୍ରୀଡ଼ାରେ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି ବ୍ରୋଞ୍ଜ ପଦକ ସହ ମୋଟ ୧୦୭ଟି ପଦକ ହାସଲ କରିଛି ।

## କ୍ରିକେଟ୍ - ୱାର୍ଲଡକପ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଷ୍ଟାଡିୟମ୍‌ରେ ଚାଲିଥିବା ଆଇ.ସି.ସି. ପୁରୁଷ ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଦଳ ନିର୍ଦ୍ଧାରିତ ୪୯ ଓଭର ୩ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା । ଏହାର ଭାରତ ୪୧ଓଭର ୨ଟି ବଲରେ ୪ ଓ୍ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା । ଭାରତ ପକ୍ଷରୁ ବିରାଟ କୋହଲି ୮୫ରନ୍ ସଂଗ୍ରହ କରିଥିବାବେଳେ ଲୋକେଶ ରାହୁଲ ଅପରାଜିତ ୯୭ ରନ୍ କରିଥିଲେ । ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ୍ ୨ଟି ଓ୍ୱିକେଟ୍ ନେଇଥିଲେ । ଲୋକେଶ ରାହୁଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ବିଶ୍ୱକପ୍‌ର ଷଷ୍ଠ ଲିଗ୍ ମୁକାବିଲାରେ ଆଜି ନ୍ୟୁଜିଲାଣ୍ଡ ଓ ନେଦରଲ୍ୟାଣ୍ଡସ ହାଇଦ୍ରାବାଦରେ ପରସ୍ପରକୁ ଭେଟିବେ ।